# NATIONAL NEWS BULLETIN (ODIA)

## 11 December - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

– କହିଲେ, ପଞ୍ଚାୟତିରାଜ ବ୍ୟବସ୍ଥା ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତର ଆଧାର

- ଭବିଷ୍ୟତରେ ଜ୍ଞାନ ଓ ନବସୃଜନର ଯୁଗ ହେବ ବୋଲି କହିଲେ ପ୍ରଧାନମନ୍ତ୍ରୀ

– ସ୍ମାର୍ଟ ଇଣ୍ଡିଆ ହାକାଥନ-୨୦୨୪ର ଗ୍ରାଣ୍ଡ ଫିନାଲେରେ ଆଭାସି ଜରିଆରେ ଯୁବ ସୃଜନକାରୀମାନଙ୍କ ସହ କଲେ ମତବିନିମୟ।

- ନୀତିଗତ ମାମଲାରେ ଆର୍‌ବିଆଇ ସ୍ଥିରତା ବଜାୟ ରଖିବା କ୍ଷେତ୍ରରେ ପ୍ରାଥମିକତା ଦେବ; କହିଲେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର।

ଏବଂ

- ପର୍ଥଠାରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ ମହିଳା କ୍ରିକେଟରେ ଅଷ୍ଟ୍ରେଲିଆ’ ଭାରତକୁ ୮୩ ରନ୍‌ରେ ପରାସ୍ତ କରି’ ସିରିଜ୍ ବିଜୟୀ।

## ପଞ୍ଚାୟତ ପୁରସ୍କାର

ପଞ୍ଚାୟତିରାଜ ବ୍ୟବସ୍ଥା ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତର ଆଧାର ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ଅବସରରେ କହିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥା’ ପ୍ରଶାସନରେ ପାରଦର୍ଶିତା ଆଣିବାରେ ସହାୟକ ହୋଇପାରିଛି ଏବଂ ଏହା ଭବିଷ୍ୟତରେ ଗାଁର ବିକାଶ ଓ ସଶକ୍ତୀକରଣ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି । ଦେଶର ବିକାଶ କ୍ଷେତ୍ରରେ ପଞ୍ଚାୟତଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି । ସୌରଶକ୍ତି, ସବୁଜ ଶକ୍ତି, ପରିବେଶ ସଂରକ୍ଷଣ ଆଦି ଦିଗରେ ପଞ୍ଚାୟତଗୁଡ଼ିକ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ଏହା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ମହତ୍ତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ମହିଳା ସରପଞ୍ଚମାନଙ୍କୁ ନିର୍ଭୀକ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି ।

ସୂଚନା ଅନୁସାରେ, ଦୀର୍ଘସ୍ଥାୟୀ ଓ ସମାବେଶୀ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ବିଭିନ୍ନ ବର୍ଗରେ

ଆଜି ୪୫ଟି ପଞ୍ଚାୟତିରାଜ ସଂସ୍ଥାକୁ ପୁରସ୍କୃତ କରାଯାଇଛି । ଏଥିରେ ଓଡ଼ିଶାକୁ ୭ଟି ବର୍ଗରେ ପୁରସ୍କାର  ମିଳିଛି । ଗଞ୍ଜାମ ଜିଲ୍ଲାର ରଂଗେଇଲୁଣ୍ଡା ବ୍ଲକ୍ କେଳୁଆପଲ୍ଲୀକୁ ସୁସ୍ଥ ପଞ୍ଚାୟତ ଭାବେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ପୁରସ୍କାର, ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ସାହାପୁର ପଞ୍ଚାୟତକୁ ପୁରସ୍କୃତ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ ବ୍ଲକ୍ କେନ୍ଦ୍ରୀକେଲା ପଞ୍ଚାୟତକୁ ଅଙ୍ଗାରକାମ୍ଳମୁକ୍ତ ବିଶେଷ ପଞ୍ଚାୟତ, ଗଞ୍ଜାମର ଛତ୍ରପୁର ଶ୍ରେଷ୍ଠ ବ୍ଲକ୍ ଓ କୋରାପୁଟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ପୁରସ୍କାର ପାଇଛନ୍ତି ।

## ପି.ଏମ୍. - ୟଙ୍ଗ ଇନୋଭେସନ୍

ଭବିଷ୍ୟତରେ ଜ୍ଞାନ ଓ ନବସୃଜନର ଯୁଗ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ ଆଜି ଆଭାସୀ ଜରିଆରେ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ-୨୦୨୪ର ଗ୍ରାଣ୍ଡ ଫିନାଲେରେ ଯୁବ ସୃଜନକାରୀମାନଙ୍କ ସହ ମତବିନିମୟ କରି କହିଛନ୍ତି, ଆଜିର ଭାରତ ସମସ୍ତଙ୍କ ପ୍ରୟାସ ଦ୍ୱାରା ହିଁ ଦ୍ରୁତ ଗତିରେ ଅଗ୍ରସର ହୋଇପାରିବ । ଯୁବଶକ୍ତି, ପ୍ରଯୁକ୍ତିବିଦ୍ୟା, ନବସୃଜନ ଦେଶର ମୂଳଦୁଆ । ଯୁବମାନଙ୍କର ଭିଜନ ସରକାରଙ୍କ ମିଶନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ପୂର୍ବରୁ ଆୟୋଜିତ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନରେ ଉପସ୍ଥାପିତ ସମାଧାନର ପନ୍ଥାଗୁଡ଼ିକୁ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଉପଯୋଗ କରାଯାଉଛି । ଆସନ୍ତା ମାସରେ ବିକଶିତ

ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ ଅନୁଷ୍ଠତ ହେବ । ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଯୁବକମାନେ ଆସନ୍ତା ଜାନୁୟାରୀ ୧୧ ଓ ୧୨ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ୟଙ୍ଗ ଲିଡ଼ର୍ସ ଡାଏଲଗ୍‌ରେ ଭାଗ ନେବାର ସୁଯୋଗ ପାଇବେ । ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ଯୁବପିଢ଼ିକୁ ଆହ୍ୱାନ ଦେଇଛନ୍ତି ।

ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ସପ୍ତମ ସଂସ୍କରଣକୁ ଆଜି ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ । ଦେଶର ୫୧ଟି ନୋଡାଲ ସେଣ୍ଟରରେ ଅନୁଷ୍ଠିତ ସ୍ମାର୍ଟ ଇଣ୍ଡିଆ ହାକାଥନ ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏକ ମଞ୍ଚ ପ୍ରଦାନ କରିଛି ।

# ପାର୍ଲାମେଣ୍ଟ- ଆଡଜର୍ଣ୍ଣ

ସଂସଦର ଉଭୟ ଗୃହରେ ଆଜି ବିଭିନ୍ନ ପ୍ରସଙ୍ଗରେ ଶାସକ ଓ ବିରୋଧୀ ଦଳର ସଦସ୍ୟଙ୍କ ମଧ୍ୟରେ ଆରୋପ ଏବଂ ପ୍ରତ୍ୟାରୋପ ଯୋଗୁଁ ରାଜ୍ୟସଭାକୁ ଦିନକ ପାଇଁ ଏବଂ ଲୋକସଭାକୁ ଏକାଧିକ ଥର ମୁଲତବୀ କରାଯାଇଥିଲା ।

ପୂର୍ବାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ରାଜ୍ୟସଭା କାର୍ଯ୍ୟ ଆରମ୍ଭ ହେବା ପରେ କେନ୍ଦ୍ରମନ୍ତ୍ରୀ ଜେ.ପି ନଡ୍ଡା ଆମେରିକାର ଜର୍ଜ ସୋରୋସ୍ ଫାଉଣ୍ଡେସନ ସହ କଂଗ୍ରେସ ନେତାଙ୍କ ସମ୍ପର୍କ ଥିବା ପ୍ରସଙ୍ଗରେ

ଗୃହରେ ଆଲୋଚନା କରିବାକୁ ଦାବି କରିଥିଲେ। ଏହା ଦେଶର ସାର୍ବଭୌମତ୍ୱ ଓ ନିରାପତ୍ତା ପ୍ରତି ଗୁରୁତର ବିପଦ ସୃଷ୍ଟି କରିଛି ବୋଲି ସେ କହିଛନ୍ତି।

ଆଜି ସକାଳେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସାଂସଦଙ୍କ ମୁଲତବୀ ନୋଟିସକୁ ପ୍ରତ୍ୟାଖ୍ୟାନ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ବିରୋଧୀ ଦଳକୁ ନିନ୍ଦା କରିଛନ୍ତି। ଏଥିପାଇଁ କଂଗ୍ରେସ କ୍ଷମା ମାଗିବା ଦରକାର ଏବଂ ଅଧ୍ୟକ୍ଷଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିବା ପାଇଁ ଯେଉଁ ସବୁ ପ୍ରୟାସ କରାଯାଉଛି ତାହାକୁ ସରକାର ପଣ୍ଡ କରିଦେବେ ବୋଲି ସେ କହିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅବଦାନକୁ ପ୍ରଶଂସା କରି ଶ୍ରୀ ରିଜିଜୁ କହିଛନ୍ତି ଯେ ଉପରାଷ୍ଟ୍ରପତି ସର୍ବଦା ଭାରତୀୟ ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିଛନ୍ତି ଏବଂ ତାଙ୍କ ପଦକୁ ସମ୍ମାନ ଦେବା ଉଚିତ୍ ।

ଲୋକସଭାର ପ୍ରଥମାର୍ଦ୍ଧରେ ସୁରୁଖୁରୁରେ ପ୍ରଶ୍ନକାଳ ଚାଲିଥିବା ବେଳେ ପରେ ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ମାନେ ହଟ୍ଟଗୋଳ ସୃଷ୍ଟି କରିଥିଲେ। କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ ମଣିପୁରରେ ଆଇନ ଶୃଙ୍ଖଳା ପରିସ୍ଥିତିର ଅବନତି ସମ୍ପର୍କରେ ଅଭିଯୋଗ କରିବା ପରେ ଏହାର

ଜବାବରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଦେଶର ଆଭ୍ୟନ୍ତରୀଣ ବିଶୃଙ୍ଖଳା ପାଇଁ କଂଗ୍ରେସ ଦାୟୀ ବୋଲି ମନ୍ତବ୍ୟ ଦେଇଥିଲେ। ବିରୋଧୀ ସଦସ୍ୟମାନଙ୍କ ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଅପରାହ୍ନ ୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ  ରେଳ ବାଇ (ସଂଶୋଧନ) ବିଲ୍ ୨୦୨୪ ଗୃହୀତ ହୋଇଥିଲା ଏବଂ ପରେ ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ବିଲ୍ ୨୦୨୪କୁ ବିଚାର ଏବଂ ଗୃହୀତ ପାଇଁ ଉପସ୍ଥାପିତ କରାଯାଇଥିଲା। ବିଲ୍ ଉପରେ ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀଙ୍କ ମନ୍ତବ୍ୟ ଉପରେ ଆପତ୍ତି ଉଠାଇଥିଲେ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ କେବଳ ଆଲୋଚନାରେ ସୀମିତ ରହିବାକୁ ଏବଂ ବ୍ୟକ୍ତିଗତ ମନ୍ତବ୍ୟରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ। ଦୁଇ ପକ୍ଷ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଜାରି ରହିବା ଯୋଗୁଁ ଗୃହକୁ ଅପରାହ୍ନ ୪ଟା ୪୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ଏବଂ ପରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ଅପରାହ୍ନ ୫ଟାରେ ଗୃହ ଆରମ୍ଭ ହେବା ପରେ କାର୍ଯ୍ୟରେ ଅଗ୍ରଗତି ନ ଘଟିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

# ଆର୍‌ବିଆଇ ନ୍ୟୁ ଗଭର୍ଣ୍ଣର

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, ନୀତି ଗତ ମାମଲାରେ ଆର୍.ବି.ଆଇ.' ସ୍ଥିରତା ବଜାୟ ରଖିବା କ୍ଷେତ୍ରରେ ପ୍ରାଥମିକତା ଦେବା ଜାରି ରଖିବ ଏବଂ ବର୍ତ୍ତମାନର ବିଶ୍ୱ ଅର୍ଥନୈତିକ ଓ ରାଜନୈତିକ ଦୃଶ୍ୟପଟକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ସତର୍କ ରହିବ । ସେ କହିଛନ୍ତି, ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଲାଭ ଯେପରି ସମସ୍ତଙ୍କ ପାଖରେ ପହଂଚିବ ତାହାକୁ ସୁନିଶ୍ଚିତ କରିବା ପାଇଁ ଆର.ବି.ଆଇ ଆର୍ଥିକ ନିୟାମକ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ ଅଂଶୀଦାରଙ୍କ ସହ ସହଯୋଗ ଜାରି ରଖିବ । ସୂଚନାଯୋଗ୍ୟ, ସଞ୍ଜୟ ମାଲହୋତ୍ରା ଭାରତୀୟ ରିଜର୍ଭ ବ୍ୟାଙ୍କର ୨୬ତମ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ଏଲ୍‌ଏସ୍- ରେଳ ମଦଦ୍‌

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କହିଛନ୍ତି, ରେଳଯାତ୍ରୀମାନଙ୍କୁ ସାହାଯ୍ୟ ଯୋଗାଇଦେବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ସମନ୍ୱିତ 'ରେଳ ମଦଦ' ପଦକ୍ଷେପ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ୨ ଲକ୍ଷ ୨୦ ହଜାର ଏବଂ ୨୦୨୨-୨୩ରେ ୧ ଲକ୍ଷ ୪୩ ହଜାର ଯାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ଶ୍ରୀ ବୈଷ୍ଣବ ଆହୁରି ମଧ୍ୟ କହିଛନ୍ତି, ହେଲ୍ପଲାଇନ ନମ୍ବର

୧୩୯, ରେଳ ମଦଦ୍ ୱେବ୍, ଆପ୍ ଭଳି ଏକାଧିକ ଚ୍ୟାନେଲ ଏବଂ ସାମାଜିକ ଗଣମାଧ୍ୟମ ସମ୍ମିଶ୍ରଣର 'ରେଳ ମଦଦ୍' ଏକ ସମନ୍ୱିତ ଅଭିଯୋଗ ସମାଧାନ ପ୍ଲାଟଫର୍ମ। ସାମାଜିକ ଗଣମାଧ୍ୟମ 'ଏକ୍ସ' ଓ ଫେସବୁକ୍ ଭଳି ଲୋକପ୍ରିୟ ସାମାଜିକ ଗଣମାଧ୍ୟମ ଜରିଆରେ ରେଳଯାତ୍ରୀମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ସମୁଦାୟ ୯୯ ଦଶମିକ ୯/୯ ପ୍ରତିଶତ ଅଭିଯୋଗର ସମାଧାନ ହୋଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ୯୯ ଦଶମିକ ୯/୮ ପ୍ରତିଶତ ଅଭିଯୋଗର ସମାଧାନ ହୋଇପାରିଛି ବୋଲି ରେଳମନ୍ତ୍ରୀ ଆଜି ଲୋକସଭାରେ କହିଛନ୍ତି।

## ବିଜେପି-କଂଗ୍ରେସ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ବିରୋଧରେ ସଂସଦରେ ଆଗତ ଅନାସ୍ଥା ପ୍ରସ୍ତାବକୁ ଭାରତୀୟ ଜନତା ପାର୍ଟି ଦୁର୍ଭାଗ୍ୟଜନକ ବୋଲି କହିଛି। ସଂସଦ ଅଧିବେଶନ ମଧ୍ୟରେ କଂଗ୍ରେସ ଦଳ ସମ୍ବିଧାନକୁ ଅସମ୍ମାନ କରୁଛି ବୋଲି ବିଜେପି ମୁଖପାତ୍ର ସମ୍ବିତ ପାତ୍ର ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି। ସେ ମଧ୍ୟ କହିଛନ୍ତି, କଂଗ୍ରେସ ପାର୍ଟି ଏବଂ ଏହାର କେତେକ ସହଯୋଗୀ ଦଳ ନିର୍ବାଚନ ଆୟୋଗ ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିବାକୁ ଯୋଜନା କରିଛନ୍ତି। ଆମେରିକାର ଏକ

ଫାଉଣ୍ଡେସନଠାରୁ ଟଙ୍କା ନେଇ ସମଗ୍ର ଗାନ୍ଧୀ ପରିବାର ଦେଶକୁ ଅସ୍ଥିର କରିବା ପାଇଁ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିବା ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି।

## ଓ୍ୱିମେନ କ୍ରିକେଟ

ଅଷ୍ଟ୍ରେଲିଆର ପର୍ଥସ୍ଥିତ ଡବ୍ଲ୍ୟୁ.ଏ.ସି.ଏ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ ମହିଳା କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ଦଳ' ଭାରତକୁ ୮୩ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ହୋଇ ସିରିଜ୍ ବିଜୟୀ ହୋଇଛି।

ଅଷ୍ଟ୍ରେଲିଆ ଦଳର ୨୯୯ ରନର ଲକ୍ଷ୍ୟକୁ ପିଛା କରି ଭାରତ ୪୫ ଓଭର ୧ ବଲ୍‌ରେ ୨୧୫ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ସ୍ମୃତି ମନ୍ଧାନା ସର୍ବାଧିକ ୧୦୫ ରନ୍ କରିଥିଲେ। ଏହା ପୂର୍ବରୁ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୬ ଓ୍ୱିକେଟ୍ ହରାଇ ୨୯୮ ରନ୍ କରିଥିଲା। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ୪ଟି ଓ୍ୱିକେଟ୍ ନେଇଥିଲେ।